# D.A.V.PUBLIC SCHOOLS, BHUBANESWAR
## Summative Assessment-I Examiantion 2016-17
## CLASS - VII
## HIGHER ODIA

Time Allowed: 3 hours　　　　　　　　　　　　　　　　　Maximum Marks: 90

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଲେଖ ।
- ଅକ୍ଷର ଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରଶ୍ନ ପତ୍ରରେ ୨ଟି ବିଭାଗରେ ୧୧ଟି ପ୍ରଶ୍ନ ରହିଛି ।

## 'କ' ବିଭାଗ

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।　(5x2=10)

ସମଗ୍ର ପୃଥିବୀରେ ଯେତେବେଳେ ଦେବାଦେବୀ ପୂଜିତ ହୁଅନ୍ତି, ସେମାନଙ୍କ ଭିତରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଏକ ବ୍ୟତିକ୍ରମ । ମାନବଧର୍ମୀ ଠାକୁର ରୂପରେ ଶ୍ରୀ ମନ୍ଦିର ରତ୍ନବେଦୀରେ ସେ ବିରାଜମାନ କରିଛନ୍ତି । ଜୀବନ୍ତ ଭଗବାନ ହେଲେ ମଧ୍ୟ ସେ ସାଧାରଣ ମାନବ ଭଳି ଜୀବନଯାପନ କରନ୍ତି । ଖାଆନ୍ତି, ପିଅନ୍ତି, ଶୁଅନ୍ତି ଓ ଭକ୍ତମାନଙ୍କୁ ନବ ଯୌବନ ଦର୍ଶନ ଦେଇ ସେଇ ଭକ୍ତମାନଙ୍କ ପାଇଁ ରଥଯାତ୍ରାରେ ବଡ଼ଦାଣ୍ଡକୁ ଚାଲିଆସନ୍ତି । ଜନ୍ମ-ମୃତ୍ୟୁ ବେଳେ ସାଧାରଣ ମଣିଷର ଯାହା ଘଟିଥାଏ, ତାହା ହିଁ ଶ୍ରୀ ଜଗନ୍ନାଥଙ୍କ ନବ କଳେବର ବିଧାନରେ ପରିଲକ୍ଷିତ ହୁଏ । ସେଥିପାଇଁ ଭାଗବତରେ କୁହାଯାଇଛି -''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।'' ଦାରୁ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏଭଳି ଘଟ ପରିବର୍ତ୍ତନକୁ କୁହାଯାଏ ନବକଳେବର । ପୁରୀ ଶ୍ରୀ ମନ୍ଦିରରେ ଅନୁସୃତ ବିଭିନ୍ନ ବିଧିବିଧାନ ମଧ୍ୟରେ ଏହି ନବକଳେବର ଅନ୍ୟତମ । ନବକଳେବରର ଏଭଳି ଏକ ତାତ୍ତ୍ୱିକ ତଥା ଦାର୍ଶନିକ ବ୍ୟାଖ୍ୟା କରାଯାଇଛି । ମନୁଷ୍ୟ ଯେପରି ପୁରାତନ ବସ୍ତ୍ର ତ୍ୟାଗକରି ନୂତନ ବସ୍ତ୍ର ଗ୍ରହଣ କରେ, ସେହିପରି ଜୀବାତ୍ମା ପୁରାତନ ଶରୀର ତ୍ୟାଗକରି ଅନ୍ୟ ନୂତନ କଳେବର ଧାରଣ କରେ । ନବକଳେବରର ଏହି ଦାର୍ଶନିକ ବ୍ୟାଖ୍ୟାଟି ବୁଦ୍ଧିଜୀବୀମାନଙ୍କ ମନକୁ ଆକର୍ଷଣ କରେ ।

ପ୍ରଶ୍ନାବଳୀ:(କ) ଜୀବନ୍ତ ଭଗବାନ ହେଲେ ମଧ୍ୟ ଜଗନ୍ନାଥ କିପରି ଜୀବନଯାପନ କରନ୍ତି ଓ କି କାର୍ଯ୍ୟ କରନ୍ତି ?

(ଖ) ନବକଳେବର କାହାକୁ କୁହାଯାଏ ?

(ଗ) ଭାଗବତରେ ଜନ୍ମ-ମୃତ୍ୟୁ ସମ୍ପର୍କରେ କ'ଣ କୁହାଯାଇଛି ?

(ଘ) ନବକଳେବରର ଦାର୍ଶନିକ ବ୍ୟାଖ୍ୟାଟି କ'ଣ ?

(ଙ) ଜଗନ୍ନାଥ କେଉଁ ରୂପରେ ଶ୍ରୀ ମନ୍ଦିରରେ ବିରାଜମାନ କରିଛନ୍ତି ?

2. ନିମ୍ନ ପଦ୍ୟାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।　(5x1=5)

ବୈଶାଖ ମାସରେ ପଣା ସଙ୍କରାନ୍ତି
　　ହୁଅଇ ପଣା ଛତୁଆ
କାଠଗୋଡ଼ ପିନ୍ଧି ମଙ୍ଗଳା ମୁଣ୍ଡାଇ
　　ନାଚନ୍ତି ଘଣ୍ଟପାଟୁଆ ।

ଏହିମାସେ ହୁଏ ଚନ୍ଦନ ଯାତରା
ନାବକେଳି ଏହିମାସେ,
ନାବକେଳି କରି ଯୁବକେ ମଉଜ
କରୁଥାନ୍ତି କ୍ରୀଡ଼ା ହାସେ ।
ରଣିଫୁଲ ପରି ପଡ଼ିଥାଏ ଜହ୍ନ
ପଦା ପାହାଭାଗେ ବସି,
ପଲ୍ଲୀ-ସୀମନ୍ତିନୀ ଚାନ୍ଦିନୀ ରାତିରେ
କରନ୍ତି ଆଳାପ ହସି ।

(କ) ବୈଶାଖ ମାସରେ କେଉଁ ସଂକ୍ରାନ୍ତି ହୁଏ ?
(ଖ) କାଠଗୋଡ଼ ପିନ୍ଧି କେଉଁମାନେ ନାଚନ୍ତି ?
(ଗ) ବୈଶାଖ ମାସରେ କ'ଣ କରି ଯୁବକମାନେ ମଉଜ କରନ୍ତି ?
(ଘ) ଜହ୍ନ କାହା ପରି ଦିଶୁଥାଏ ?
(ଙ) ଚାନ୍ଦିନୀ ରାତିରେ କେଉଁମାନେ ବସି ଆଳାପ କରନ୍ତି ?

3. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।
ରଥଯାତ୍ରା, ଯୋଗ ଓ ବ୍ୟାୟାମର ଉପକାରିତା, ଗ୍ରୀଷ୍ମଋତୁ । (1x10=10)

4. ଭ୍ରମଣରୁ ଫେରି ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ । (1x5=5)

କିମ୍ବା

ଆକସ୍ମିକ ଭାବେ ଅସୁସ୍ଥତା ଅନୁଭବ ହେତୁ ବିଦ୍ୟାଳୟରୁ ଛୁଟି ମଞ୍ଜୁର ନିମନ୍ତେ ଆବେଦନ କରି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ନିକଟକୁ ଦରଖାସ୍ତ ଲେଖ ।

5. (କ) ସନ୍ଧିବିଚ୍ଛେଦ କର । (୩ଟିର) (3x1=3)
ପ୍ରତ୍ୟେକ, ଦିଗନ୍ତ, ପୁନର୍ଜନ୍ମ, ସନ୍ତୋଷ, ଶିରଶ୍ଛେଦ ।
(ଖ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୩ଟିର) (3x1=3)
କ୍ଷୁଦ୍ର, ସିଧା, ନିରକ୍ଷର, ସୁଯୋଗ, ସଦ୍‌ଗୁଣ ।
(ଗ) ସମୋଚ୍ଚାରିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ । (୩ ଯୋଡ଼ାର) (3x1=3)
ପ୍ରସାଦ-ପ୍ରାସାଦ, ବାସୀ-ବାସି, ବର-ବର, ସତ-ଶତ, ନିଧନ-ନିଧନ ।
(ଘ) ଶବ୍ଦାର୍ଥ ଲେଖ । (୩ଟିର) (3x1=3)
ପାରିଧି, କତରା, ଭାସ୍ୱର, ଅଦ୍ୟପି, ନିଶାଚର ।

6. (କ) ବାକ୍ୟ ଗଠନ କର । (୪ଟିର) (4x1=4)
ମୁହଁ ଭାଙ୍ଗିଦେବା, ଅତ୍ୟାଚାର, ଅନୁଗତ, ପୁନରୁଦ୍ଧାର, ମିଥ୍ୟାଚାର, ପ୍ରଚଣ୍ଡ ।
(ଖ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (୪ଟିର) (4x1=4)
ଧୋତି ଚାଦର, ମାମୁଭଣଜା, ପଞ୍ଚବଟୀ, ଶତାବ୍ଦୀ, କାଳିକଲମ, ତ୍ରିବେଣୀ ।

## 'ଖ' ବିଭାଗ

7. ସରଳାର୍ଥ ଲେଖ । (1x5=5)

'ନୁହେଁ ତା' ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।'

କିମ୍ବା

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ !

8. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫ଟିର) (5x3=15)

(କ) ଖଣ୍ଡଗିରି ଗୁମ୍ଫାରେ ଶିଳ୍ପୀମାନେ କେଉଁକାର୍ଯ୍ୟ କରୁଛନ୍ତି ?
(ଖ) ରାମଚନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ କେଉଁମାନେ ଓ କାହିଁକି ପରାମର୍ଶ ଦେଲେ ?
(ଗ) ମା'ଆଙ୍କର ହୃଦତାପ ବିନାଶ କରିବାରେ ଶ୍ରୀ କୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି କହିବାର କାରଣ କ'ଣ ?
(ଘ) ୧୯୨୦ ପରେ ଭାରତର ଜନଜାଗରଣରେ କି ପରିବର୍ତ୍ତନ ଦେଖାଦେଲା ?
(ଙ) ଚକୁଳିଆ ପଣ୍ଡାର ମାଆ କାମ କରିବାକୁ ପୂର୍ବପରି ଗଲା ନାହିଁ କାହିଁକି ?
(ଚ) ଭୀମ ଦାସ ରାଜ ଉଆସରେ ରହିଲା ନାହିଁ କାହିଁକି ?
(ଛ) କବିତାରେ ଖଣ୍ଡଗିରି ରାଜଦରବାରର ଦୃଶ୍ୟ କିପରି ଚିତ୍ରିତ ହୋଇଛି ?

9. ଦୀର୍ଘ ଉତ୍ତର ଲେଖ । (1x8=8)

ରାମାୟଣରୁ କି ସୁଶିକ୍ଷା ମିଳୁଛି ?

କିମ୍ବା

ଏ ମଣିଷକୁ ପଥରକଲା କିଏ - ଏଭଳି ନାମ କରଣର ବିଶେଷତ୍ୱ ପ୍ରତିପାଦନ କର ।

10. ''ମଣିଷ ହିଁ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି'' ପଠିତ ''ଆମେ ଧରଣୀ ବୁକୁର ଶିଶୁ'' ଏକାଙ୍କିକା ଅନୁସରଣରେ ଆଲୋଚନା କର । (1x5=5)

କିମ୍ବା

ଶିଶୁର ଚରିତ୍ର ଗଠନରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ - ମୋ ପିଲାବେଳର କଥା ବିଷୟ ଅନୁସରଣରେ ଆଲୋଚନା କର ।

11. ପ୍ରଶ୍ନଗୁଡ଼ିକୁ ପଢି ପ୍ରଦତ୍ତ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (1X7=7)

(କ) ଓଡ଼ିଶାରେ ପ୍ରଥମେ କେବେ ଆଇନ ଅମାନ୍ୟ ଆନ୍ଦୋଳନ ହୋଇଥିଲା ?

(i) ୧୯୪୦ (ii) ୧୮୨୫
(iii) ୧୯୨୧ (iv) ୧୯୩୦

(ଖ) ରାବଣ ସୀତାଙ୍କୁ କେଉଁ ବନରୁ ହରଣ କରି ନେଇଥିଲା ?

(i) ମଧୁବନ (ii) ପଞ୍ଚବଟୀ ବନ
(iii) ଚିତ୍ରକୂଟ ବନ (iv) ମୈତ୍ରେୟ ବନ

(ଗ) ଦେଖିନାହିଁ କେତେ ଦିନୁ ଖଣ୍ଡଗିରି କବିତା ମାଧ୍ୟମରେ ଓଡ଼ିଶାର କେଉଁ କଥାକୁ ମନେ ପକାଯାଉଛି ?

(i) ବୌଦ୍ଧ ସନ୍ନ୍ୟାସୀ (ii) ଅତୀତ ଗୌରବ

(iii) ସଂସ୍କୃତି (iv) ଦେଶପ୍ରେମୀ ସଂଗ୍ରାମୀ ମଣିଷ

(ଘ) ଗୋପବନ୍ଧୁ ଦାସଙ୍କ ଆଦର୍ଶକୁ ଭିତ୍ତିକରି ଓଡ଼ିଆ ସାହିତ୍ୟର ଏହି ସମୟକୁ କେଉଁ ଯୁଗ କୁହାଯାଏ ?

(i) ଆଧୁନିକ ଯୁଗ (ii)) ସବୁଜ ଯୁଗ

(iii) ସତ୍ୟବାଦୀ ଯୁଗ (iv) ପଞ୍ଚସଖା ଯୁଗ ।

(ଡ) ଗଙ୍ଗାଧର ମେହେରଙ୍କ କେଉଁ କବିତା ସଂକଳନରୁ ତାରାସୂର୍ଯ୍ୟ କବିତାଟି ସଂଗ୍ରହ କରାଯାଇଛି ?

(i) ପ୍ରଣୟ ବଲ୍ଲରୀ (ii) ଅର୍ଘ୍ୟଥାଳୀ

(iii) କୀଚକ ବଧ (iv) ଇନ୍ଦୁମତୀ

(ଚ) ଭୀମ ଦାସ ଯେଉଁ ପାହାଡ଼ରୁ ପଥରକୁ କାଟୁଥିଲା ତାହାର ନାମ କ'ଣ ?

(i) ନୀଳଗିରି ପର୍ବତ (ii) ଗଡ଼ ପର୍ବତ

(iii) ବରୁଣେଇ ପର୍ବତ (iv) ରତ୍ନଗିରି ପର୍ବତ

(ଛ) ଦେଖିଲା ବେଳକୁ ସେ ପଦାର୍ଥରୁ କଣେ ସୁଦ୍ଧା ସରି ନଥାଏ । ଏହାର ଅର୍ଥ କ'ଣ ?

(i) ଟିକିଏ (ii) ଅଳପ ଅଂଶ

(iii) ଚୂରଠ (iv) ଅଧା

* * *